

ସତପଗାମୀ
JULY - AUGUST
2005
An Oriya Bimonthly Bulletin
Published By the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No. 80, KAKINADA
A.P. - 533 001.
Ph : 0884 - 2363722

**VOL. 10. JULY & AUGUST 2005 (NO. 4)**

Published every two months in Oriya Language for the Restoration of pure New Testament Christianity

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

**Speakers : JOSHUA GOOTAM & RICKY GOOTAM**

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. No. 80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - X　　KAKINADA　　JUL-AUG

## ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ
## (Why Christ died)

ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ, ଏହି ସତ୍ୟତା ବିଷୟରେ ବାଇବଲ ତଥା ଜଗତ ଇତିହାସ ମଧ୍ୟ ସାକ୍ଷ୍ୟ ଦିଏ । ଏହି ବିଷୟ ମନରେ ରଖି କେତେକ ସତ୍ୟତା ବିଷୟରେ ଆଲୋଚନା କରିବା ।

୧. ଖ୍ରୀଷ୍ଟଙ୍କ ମରଣ ସାଧାରଣ ମରଣ ନୁହେଁ । ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେଲେ ଏହି ପୃଥିବୀରେ ବାସ କରିବା ପରେ ମୃତ୍ୟୁ ଭୋଗନ୍ତି । ଜଣେ ପବିତ୍ର ଲେଖକଙ୍କ ଅନୁସାରେ ପ୍ରତ୍ୟେକ ମନୁଷ୍ୟ ଦିନେ ନା ଦିନେ ନିଶ୍ଚୟ ମୃତ୍ୟୁ ଭୋଗିବେ । (ଏବ୍ରୀ ୯:୨୭) ତେବେ ଖ୍ରୀଷ୍ଟଙ୍କ ମରଣରେ କଅଣ ବିଶେଷତ୍ୱ ଅଛି ? ସେ କି ଅନ୍ୟମାନଙ୍କ ପରି ଏହି ପୃଥିବୀରେ ବାସ କରି, ଅନ୍ୟମାନଙ୍କ ପରି ମୃତ୍ୟୁ ଭୋଗି ନଥିଲେ ? ସତ, କିନ୍ତୁ ତାଙ୍କର ଜୀବନ ଭିନ୍ନ ଥିଲା ଓ ତାଙ୍କର ମରଣର ଉଦ୍ଦେଶ୍ୟ ମଧ୍ୟ ଭିନ୍ନ ଥିଲା । ସେ ପାପରହିତ ଜୀବନଯାପନ କଲେ ଓ ମନୁଷ୍ୟଙ୍କୁ ପାପରୁ ରକ୍ଷା କରିବା ନିମନ୍ତେ ମୃତ୍ୟୁଭୋଗ କଲେ ।

୨. ଖ୍ରୀଷ୍ଟଙ୍କ ମୃତ୍ୟୁ ବିଷୟରେ ଭାବବାଦୀ ଦ୍ୱାରା ପ୍ରକାଶିତ ହୋଇଥିଲା । ଭାବବାଦୀ ଯିଶାଇୟ କହିଲେ, ‘‘ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନା ସବୁ ଧାରଣ କରିଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହିଅଛନ୍ତି । ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କୁ ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ । ଆମ୍ଭେମାନେ ପ୍ରତ୍ୟେକ ଆପଣା ଆପଣା ବାଟଆଡ଼େ ଫେରିଅଛୁଁ, ଆଉ ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଅଛନ୍ତି । (ଯିଶା ୫୩:୪-୬)

୩. ଖ୍ରୀଷ୍ଟ ଆପଣାର ମରଣ ବିଷୟରେ ନିଜେ କହିଲେ । "ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନିଦିନ ମଧ୍ୟରେ ମୁଁ ତାହା ତୋଳି ଦେବି ।" (ଯୋହନ ୨:୧୯) ଏହିଠାରେ ସେ ଆପଣା ଶରୀରରୂପ ମନ୍ଦିରର ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ କହିଅଛନ୍ତି ।

୪. ଖ୍ରୀଷ୍ଟ ମୃତ୍ୟୁ ଭୋଗିବା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬)

୫. ଖ୍ରୀଷ୍ଟ ମରଣ ପର୍ଯ୍ୟନ୍ତ ଆଜ୍ଞାବହ ହେଲେ । "ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । (ଫିଲିପୀ ୨:୮)

୬. ଖ୍ରୀଷ୍ଟ ପାପରହିତ ମୃତ୍ୟୁବରଣ କଲେ । ଖ୍ରୀଷ୍ଟଙ୍କ ବିଷୟରେ ଏପରି ଲେଖାଯାଏ, "ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହିନେଇ ଯିବାପାଇଁ ପ୍ରକାଶିତ ହେଲେ ଆଉ ତାହାଙ୍କଠାରେ ପାପ ନାହିଁ ।" (୧ମ ଯୋହନ ୩:୫)

୭. ଖ୍ରୀଷ୍ଟ ପାପୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ । "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ କରି ପଠାଇଲେ, ଏଥିରେ ତ ପ୍ରେମ ପ୍ରକାଶ ପାଏ ।" (୧ମ ଯୋହନ ୪:୧୦)

୮. ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ, ଯେପରି କି ଆମ୍ଭେମାନେ ଜୀବନ ପ୍ରାପ୍ତ ହେଉଁ । "ଏଥିରେ ହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉଁ ।" (୧ମ ଯୋହନ ୪:୯)

୯. ଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗିଲେ । ଏହି ପ୍ରକାର ମୃତ୍ୟୁ ନିଷ୍ଠୁରତମ ମୃତ୍ୟୁଶିକ୍ଷା ଅଟେ । ଶାରୀରିକ ବେଦନା ଛଡ଼ା, ଗୋଟିଏ ଡକାୟତ ସଦୃଶ୍ୟ ଦୁଇ ଡକାୟତ ମଧ୍ୟରେ ଟଙ୍ଗା ହୋଇଥିବାରୁ ତାଙ୍କର ବେଦନା ଆହୁରି ବଢ଼ିଯାଇଥିଲା । ଦୟାପୂର୍ବକ ମାଥିଉ ୨୭ ଅଧ୍ୟାୟ ଅଧ୍ୟୟନ କରନ୍ତୁ । "ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ତୁଚ୍ଛ କରି ଧୈର୍ଯ୍ୟସହ କ୍ରୁଶୀୟ ମୃତ୍ୟୁଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।" (ଏବ୍ରୀ ୧୨:୨)

୧୦. ପୁରାତନ ନିୟମ ନେଇଯିବା ନିମନ୍ତେ ସେ ମୃତ୍ୟୁ ଭୋଗିଲେ । "ପୁଣି ବିଧିବିଧାନରେ ଆମ୍ଭମାନଙ୍କ ନିମନ୍ତେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇଅଛନ୍ତି । (କଲ ୨:୧୪)

୧୧. ଖ୍ରୀଷ୍ଟ ନୂତନ ନିୟମ ସ୍ଥାପନ କରିବା ନିମନ୍ତେ ମୃତ୍ୟୁ ଭୋଗିଲେ (ମାଥି ୨୬:୨୮) । "ସେ ନୂତନ ନିୟମ ବୋଲି କହିବା ଦ୍ୱାରା ପ୍ରଥମକୁ ପୁରାତନ କରିଅଛନ୍ତି, ଆଉ ଯାହା ପୁରାତନ ଓ ଜୀର୍ଣ୍ଣ ହୋଇଯାଉଅଛି, ତାହାର ଅନ୍ତର୍ହିତ ହେବାର ସମୟ ସନ୍ନିକଟ ।" (ଏବ୍ରୀ ୮:୧୩)

୧୨. ଖ୍ରୀଷ୍ଟ ମଣ୍ଡଳୀ ନିମନ୍ତେ ମୃତ୍ୟୁ ଭୋଗିଲେ । "ହେ ସ୍ୱାମୀମାନେ ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।" (ଏଫି ୫:୨୫)

୧୩. ଖ୍ରୀଷ୍ଟ ଯେ ମୃତ୍ୟୁ ଭୋଗିଲେ ସତ, କିନ୍ତୁ ସମାଧିପ୍ରାପ୍ତ ହେବା ପରେ ମୃତ୍ୟୁରୁ ଉତ୍ଥିତ ହୋଇ ଆପଣା ପିତାଙ୍କ ନିକଟକୁ ସ୍ୱର୍ଗାରୋହଣ କଲେ । (ମାଥି ୨୮:୬, ପ୍ରେରି ୧:୧୦) ତେଣୁକରି ସେ ମାନବ ଜାତିର ପ୍ରତ୍ୟେକଙ୍କୁ ପୁନରୁତ୍ଥାନ ଭରସା ଦେଇଅଛନ୍ତି । (୧ମ କରି ୧୫) ନିଶ୍ଚୟ ଖ୍ରୀଷ୍ଟଙ୍କ ମୃତ୍ୟୁରେ ବିଜୟ ଅଛି (୧ମ ଯୋହ ୫:୪-୫)

**ଉପରଲିଖିତ ଅଂଶ ଖ୍ରୀଷ୍ଟଙ୍କ ମୃତ୍ୟୁ ଭୋଗର କେତୋଟି କାରଣ । ଆପଣମାନେ ଏଠାରେ ଦେଖିପାରିବେ, ଖ୍ରୀଷ୍ଟ କେବଳ ମରିବା ନିମନ୍ତେ ମୃତ୍ୟୁଭୋଗିନଥିଲେ । କିନ୍ତୁ ତାଙ୍କ ମରଣର ଉଦ୍ଦେଶ୍ୟ ଥିଲା ସେ ଆପଣଙ୍କ ଓ ମୋର ନିମନ୍ତେ ମୃତ୍ୟୁ ଭୋଗିଲେ । ଆମ୍ଭେମାନେ ଯେପରି ବିନଷ୍ଟ ନହୋଇ ପରିତ୍ରାଣ ପ୍ରାପ୍ତ ହେଉ, ଏଥି ନିମନ୍ତେ ସେ ମୃତ୍ୟୁ ଭୋଗିଲେ । ଆମ୍ଭେମାନେ ଯେପରି ଉତ୍ତମ ଜୀବନପଥ ପାଇପାରୁ ସେଥିନିମନ୍ତେ ସେ ମୃତ୍ୟୁ ଭୋଗିଲେ । ମୁଖ୍ୟତଃ, ଆମ୍ଭେମାନେ ଯେପରି ଅନନ୍ତ ଜୀବନ ପାଇପାରୁ, ସେଥିନିମନ୍ତେ ସେ ମୃତ୍ୟୁ ଭୋଗିଲେ ।**

**ଆପଣ ଯେପରି ଜୀବନ ପାଆନ୍ତି, ଏଥି ନିମନ୍ତେ ସେ ଆପଣାକୁ ଉତ୍ସର୍ଗ କରିବାରେ ଆପଣା ପ୍ରେମ ପ୍ରକାଶ କରିଅଛନ୍ତି । ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା, ଆପଣ ତାହାଙ୍କ ପ୍ରେମର ପ୍ରତିଦାନ ଦେଇ ପାରିବେ । ଖ୍ରୀଷ୍ଟ କହିଲେ, "ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହା ହେଲେ ମୋହର ଆଜ୍ଞା ସବୁ ପାଳନ କରିବ ।" (ଯୋହ ୧୪:୧୫)**

**- J.C. Choate**

❋ ❋ ❋

# ଶମିରୋଣ ସ୍ତ୍ରୀ
## (Samaritan Woman)

ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିବା ସମୟରେ, ପାଲେଷ୍ଟାଇନ୍ ଦେଶ ତିନିଟି ପ୍ରଦେଶରେ ବିଭକ୍ତ ଥିଲା । ଉତ୍ତରରେ ଗାଲିଲୀ, ଦକ୍ଷିଣରେ ଯିହୂଦା ପ୍ରଦେଶ ଏବଂ ଏହି ଦୁଇ ପ୍ରଦେଶ ମଧ୍ୟରେ ଶମିରୋଣ ପ୍ରଦେଶ ଅବସ୍ଥିତ ଥିଲା । ଏହି ଅଣ ଯିହୂଦୀ ଜାତି ସହିତ ଯିହୂଦୀମାନେ ସଂପର୍କ ରଖି ନଥିଲେ । ଥରେ ଯୀଶୁଖ୍ରୀଷ୍ଟଙ୍କୁ ଯିହୂଦା ପ୍ରଦେଶରୁ, ଗାଲିଲୀ ଯିବା ବେଳେ ଶମିରୋଣ ପଥ ଦେଇ ଯିବାକୁ ପଡ଼ିଲା । ପଥଶ୍ରାନ୍ତ, ତୃଷିତ, କ୍ଲାନ୍ତ ଯୀଶୁଖ୍ରୀଷ୍ଟ ଶମିରୋଣର ସୁଖାର ନାମକ ନଗରରେ ଯାକୁବଙ୍କ କୂପ ନିକଟରେ ବସିପଡ଼ିଲେ । ତାହାଙ୍କ ଶିଷ୍ୟମାନେ ନଗର ଭିତରକୁ ଖାଦ୍ୟ କିଣିବାକୁ ଯାଇଥିଲେ । ସେତେବେଳେ ସମୟ ପ୍ରାୟ ସନ୍ଧ୍ୟା ଛଅଟା ହୋଇଥିଲେ ।

ଜଣେ ଶମିରୋଣୀୟ ସ୍ତ୍ରୀ ପାଣି କାଢ଼ିବା ନିମନ୍ତେ ସେଠାକୁ ଆସିବାରୁ, ଯୀଶୁ ତାହାଙ୍କୁ ପିଇବା ପାଇଁ ପାଣି ମାଗିଲେ । ସେ ସ୍ତ୍ରୀ ଯିହୂଦୀୟ ବ୍ୟକ୍ତି, ଶମିରୋଣୀୟ ସ୍ତ୍ରୀ ଠାରୁ ପିଇବାକୁ ପାଣି ମାଗିବା ଆଶ୍ଚର୍ଯ୍ୟ ମଣି କହିଲେ, "....ଆପଣ ଜଣେ ଯିହୂଦୀ ହୋଇ କିପରି ଶମିରୋଣୀୟ ସ୍ତ୍ରୀ ଯେ ମୁଁ ମୋ ହାତରୁ ପିଇବାକୁ ମାଗୁଅଛନ୍ତି ? କାରଣ ଶମିରୋଣୀୟମାନଙ୍କ ସହିତ ଯିହୂଦୀମାନଙ୍କର ବ୍ୟବହାର ନାହିଁ ।" ଯୀଶୁ ଉତ୍ତର ଦେଲେ, "ଈଶ୍ୱରଙ୍କ ଦାନ ଓ ମୋତେ ପିଇବାକୁ ଦିଅ ବୋଲି ଯେ ତୁମ୍ଭକୁ କହୁଅଛନ୍ତି ସେ କିଏ, ଏହା ଯେବେ ଜାଣିଥାଆନ୍ତି, ତାହାହେଲେ ତୁମ୍ଭେ ତାହାଙ୍କୁ ମାଗିଥାଆନ୍ତ, ଆଉ ସେ ତୁମ୍ଭକୁ ଜୀବନ୍ତ ଜଳ ଦେଇଥାନ୍ତେ ।" (ଯୋହନ ୪:୯, ୧୦ ପଦ) ଯୀଶୁଖ୍ରୀଷ୍ଟ ଜଗତ ନିମନ୍ତେ ଈଶ୍ୱରଙ୍କ ଦାନ । ପରମେଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ଜଗତର ମୁକ୍ତି ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଦାନ କଲେ । ଈଶ୍ୱରଙ୍କ ଦାନ ଜୀବନ୍ତ ଜଳ ଅଟନ୍ତି । ଯୀଶୁ କହିଲେ, ".....ଆଉ ଯେ ମୋ ଠାରେ ବିଶ୍ୱାସ କରେ, ସେ କଦାପି ତୃଷିତ ହେବ ନାହିଁ ।" ".......କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ । ଆଉ ଯେ ମୋ' ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ ଜଳସ୍ରୋତ ପ୍ରବାହିତ ହେଉଥିବ । (୭:୨୭,୩୮) ସେ ସ୍ତ୍ରୀ ଯୀଶୁଙ୍କ କଥାର ପ୍ରକୃତ ଅର୍ଥ ନ ବୁଝି, ଯାକୁବ କୂପର ଜଳ ବିଷୟରେ ମନେ କରି କହିଲେ, "......ଜଳ କାଢ଼ିବା ନିମନ୍ତେ ଆପଣଙ୍କ ନିକଟରେ କୌଣସି ପାତ୍ର ନାହିଁ, ପୁଣି କୂଅ ତ ଗହୀର, ତେବେ

ଆପଣ କେଉଁଠାରୁ ସେହି ଜଳ ପାଇଅଛନ୍ତି ? ଆମ୍ଭମାନଙ୍କ ଯେଉଁ ପିତୃପୁରୁଷ ଯାକୁବ ଆମ୍ଭମାନଙ୍କୁ ଏହି କୂପ ଦେଇଥିଲେ, ଆଉ ଆପେ, ପୁଣି ତାଙ୍କ ପୁତ୍ରମାନେ ଓ ପଶୁପଲ ଏଥିରୁ ପାନ କରିଥିଲେ, ତାଙ୍କଠାରୁ କି ଆପଣ ଶ୍ରେଷ୍ଠ ? (୧୧ ଓ ୧୨ ପଦ) ଯାକୁବ, ଯିହୂଦୀ ଜାତିର ଆଦି ପୁରୁଷ । ତାହାଙ୍କ ଦତ୍ତ ୨୦୦୦ ବର୍ଷରୁ ଅଧିକ ପୁରୁଣା କୂପର ଜଳରୁ ଆହୁରି ଶ୍ରେଷ୍ଠତର ଜଳ ଆଉ କଅଣ ଥାଇପାରେ ? ସେଥିରେ ଯୀଶୁ ଆହୁରି ସରଳ ଭାବେ ବୁଝାଇ କହିଲେ, "....ଯେକେହି ଏହି ଜଳ ପାନ କରେ, ସେ ପୁନର୍ବାର ତୃଷିତ ହେବ, କିନ୍ତୁ ମୁଁ ଯେଉଁ ଜଳ ଦେବି ତାହା ଯେକେହି ପାନ କରିବ, ସେ କେବେ ହେଁ ତୃଷାର୍ତ୍ତ ହେବ ନାହିଁ; ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ, ତାହାଠାରେ ଉଚ୍ଛୁଳି ଉଠୁଥିବା ସ୍ତ୍ରୀଲୋକଟି ତାହାଙ୍କ କହିଲା, ମହାଶୟ, ମୋତେ ଯେପରି ଶୋଷ ନଲାଗେ, ପୁଣି ପାଣି କାଢ଼ିବା ନିମନ୍ତେ ମୋତେ ସେହି ଜଳ ଦିଅନ୍ତୁ ।" (୧୩-୧୫ ପଦ) ଯୀଶୁଙ୍କ କଥାରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ, କେବେ ହେ ତୃଷିତ ନହେବା ନିମନ୍ତେ ସେ ସେହି ଜଳ ନିମନ୍ତେ ଯୀଶୁଙ୍କୁ ଅନୁରୋଧ କଲେ । ସେଥିରେ ଯୀଶୁ କହିଲେ, "......ଯାଅ, ତୁମ୍ଭ ସ୍ୱାମୀକି ଡାକି ଏଠାକୁ ଆସ । ସ୍ତ୍ରୀ ଲୋକଟି ତାହାଙ୍କୁ ଉତ୍ତର ଦେଲା, ମୋର ସ୍ୱାମୀ ନାହିଁ, ଯୀଶୁ ତାକୁ କହିଲେ, "ମୋହର ସ୍ୱାମୀ ନାହିଁ, ଏହା ତ ଠିକ୍ କହିଲ; କାରଣ ତୁମ୍ଭର ପାଞ୍ଚ ସ୍ୱାମୀ ଥିଲେ, ଆଉ ବର୍ତ୍ତମାନ ତୁମ୍ଭ ପାଖରେ ଯେ ଅଛି, ସେ ତୁମ୍ଭର ସ୍ୱାମୀ ନୁହେଁ, ଏହା ସତ୍ୟ କହିଅଛ । ସ୍ତ୍ରୀଲୋକଟି ତାହାଙ୍କୁ କହିଲା, ମହାଶୟ, ଆପଣ ଯେ ଜଣେ ଭାବବାଦୀ ଏହା ମୁଁ ଜାଣିପାରୁଅଛି ।" (୧୬-୧୯ ପଦ)

ଯୀଶୁଖ୍ରୀଷ୍ଟଙ୍କ ସହିତ ଏତେ ସମୟ କଥାବାର୍ତ୍ତା କରିବା ପରେ ସେ ଯେ ଜଣେ ଭାବବାଦୀ ଏହା ସେ ବୁଝି ପାରିଲେ । ତତ୍‌କ୍ଷଣାତ୍ ସେ ତାହାଙ୍କ ମନରେ ଆରାଧନା ବିଷୟକ ସନ୍ଦେହ ଦୂର କରିବା ନିମନ୍ତେ ତାହାଙ୍କୁ ପ୍ରଶ୍ନ କରି କହିଲେ, "ଆମ୍ଭମାନଙ୍କ ପିତୃପୁରୁଷମାନେ ଏହି ପର୍ବତରେ ଉପାସନା କଲେ, ଆଉ, ଆପଣମାନେ କହୁଅଛନ୍ତି, ଯେଉଁ ସ୍ଥାନରେ ଉପାସନା କରିବା ଉଚିତ, ତାହା ଯିରୂଶାଲମରେ ଅଛି ।" (୨୦ ପଦ) ଖ୍ରୀଷ୍ଟପୂର୍ବ ୪୦୯ ବର୍ଷରେ କେତେକ ଲୋକେ ଶମିରୋଣର **Gerizim** ନାମକ ପର୍ବତ ଉପରେ ପରମେଶ୍ୱରଙ୍କ ମନ୍ଦିର ନିର୍ମାଣ କରିଥିଲେ । ସେହି ପ୍ରଦେଶର ଲୋକେ ଯିରୂଶାଲମକୁ ଆରାଧନା ନିମନ୍ତେ ନଯାଇ ସେହି ପର୍ବତ ଉପରେ ଆରାଧନା କରୁଥିଲେ । କିନ୍ତୁ ଖ୍ରୀ:ପୂ: ୧୩୦ ରେ ଏହି ମନ୍ଦିର **John Hurcanus** ଦ୍ୱାରା ଧ୍ୱଂସ ହୋଇଥିଲା । ଶମିରୋଣ ସ୍ତ୍ରୀ ଯୀଶୁଙ୍କୁ ଏକ ଭାବବାଦୀ ବୋଲି ଜାଣି, ଆରାଧନା

ବିଷୟରେ ଏହି ପ୍ରଶ୍ନ କରିଥିଲେ । ଯୀଶୁ ତାହାଙ୍କୁ କହିଲେ, ‘‘.......ଆଗୋ ନାରୀ, ମୋ କଥା ବିଶ୍ୱାସ କର, ଯେଉଁ ସମୟରେ ତୁମ୍ଭେମାନେ ଏହିପ ର୍ବତରେ କିମ୍ବା ଯିରୂଶାଲମରେ ପିତାଙ୍କର ଉପାସନା କରିବ ନାହିଁ, ଏପରି ସମୟ ଆସୁଅଛି ।’’ (୨୧ ପଦ) ଯିରୂଶାଲମ ହିଁ ଆରାଧନାର ସ୍ଥାନ ନହୋଇ, ଯେଉଁ ଠାରେ ଦୁଇ କି ତିନି ଜଣ ‘‘ଯୀଶୁଖ୍ରୀଷ୍ଟଙ୍କ ନାମରେ ଏକତ୍ରିତ ହୁଅନ୍ତି, ସେଠାରେ ସେ ଉପସ୍ଥିତ ରହିବେ । (ମାଥିଉ ୧୮:୨୦)

‘‘ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ (୨୪ତମ) । ଈଶ୍ୱର ଆତ୍ମା ଅଟନ୍ତି, ସେ ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା, ପାଳନକର୍ତ୍ତା, ସମସ୍ତ ଗୌରବ, ମହିମା ପ୍ରଶଂସାର ଯୋଗ୍ୟ ପରମେଶ୍ୱରଙ୍କୁ ସମସ୍ତ ଆତ୍ମା ବିବେକ, ମନ, ଜ୍ଞାନ, ବୃଦ୍ଧି ଆଲୋଚନା ସହ ଆରାଧନା କରୁ । ସତ୍ୟରେ ଆରାଧନା କରିବାର ଅର୍ଥ ସତ୍ୟବାକ୍ୟାନୁଯାୟୀ ଆରାଧନା କରିବା । ଯେହେତୁ ତାହାଙ୍କ ବାକ୍ୟ ହିଁ ସତ୍ୟ ଅଟେ । ସଦାପ୍ରଭୁ ପରମେଶ୍ୱର କୟିନ ବଳି ଅଗ୍ରାହ୍ୟ କଲେ, କାରଣ ତାହା ତାହାଙ୍କ ତୁଷ୍ଟଜନକ ନଥିଲା । ନାଦବ ଓ ଅବୀହୁ ଉତ୍ସୃଷ୍ଟ ଅଗ୍ନି ସେ ଅଗ୍ରାହ୍ୟ କଲେ, ଯେହେତୁ ତାହା ତାହାଙ୍କ ଆଜ୍ଞାନୁଯାୟୀ ନଥିଲା (ଲେବୀ ୧୦ ପର୍ବ)

ପ୍ରଥମ ଶତାବ୍ଦୀର ପ୍ରେରିତମାନେ ତଥା ଖ୍ରୀଷ୍ଟିୟାନମାନେ ଆରାଧନାର କ୍ରମ ଆମ୍ଭମାନଙ୍କ ନିମନ୍ତେ ଆଦର୍ଶ କ୍ରମ ଅଟେ । ସେଗୁଡ଼ିକ ହେଲା :-

(୧) ଗୀତ ଗାଇବା : ‘‘ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ ଗାନ କର ।’’ (ଏଫିସୀ ୫:୧୯) ଗୀତ ଗାଇ ପରମେଶ୍ୱରଙ୍କ ଆରାଧନା କରିବା ସଦାପ୍ରଭୁଙ୍କ ଆରାଧନା କରିବାର ପ୍ରାଚୀନ ପ୍ରଥା, (୨) ପ୍ରାର୍ଥନା : ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରିଥାଉଁ । ବ୍ୟକ୍ତିଗତ ପ୍ରାର୍ଥନା, ପାରିବାରିକ ପ୍ରାର୍ଥନା, ମଣ୍ଡଳୀ ପ୍ରାର୍ଥନା ଦ୍ୱାରା ଆମ୍ଭମାନେ ସଦାପ୍ରଭୁଙ୍କ ସିଂହାସନ ନିକଟବର୍ତ୍ତୀ ହେଉଁ । (୧ମ ଥେସଲନୀକୀ ୫:୧୭), ଫିଲିପ ୪:୬, ମାଥିଉ ୧୮:୧୯) (୩) ବାକ୍ୟଧ୍ୟାନ: ଈଶ୍ୱର ବାକ୍ୟ ଆମ୍ଭମାନଙ୍କ ଜୀବନ ଆଧାର । ତାହା ଧ୍ୟାନ କରି, ଆତ୍ମିକ ଜୀବନରେ ବୃଦ୍ଧି ପାଉଁ । ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ବାକ୍ୟଧ୍ୟାନ କରୁଥିଲେ । ମଣ୍ଡଳୀର ଆରାଧନା ସମୟରେ ବାକ୍ୟଧ୍ୟାନ କରୁଥିଲେ । ‘‘ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ

ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ ।'' (ପ୍ରେରିତ ୨୦:୭) । ଦାଉଦ କହନ୍ତି,''ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନକରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।'' (ଗୀତ ୧୧୯:୧୧) (୪) ପ୍ରଭୁଭୋଜ ପାଳନ : ପ୍ରଭୁ ଯୀଶୁଙ୍କ କ୍ରୁଶୀୟ ମୃତ୍ୟୁ, ସମାଧି ଓ ପୁନଃରୁଥାନର ସ୍ମରଣାର୍ଥେ ରୋଟୀ ଓ ଦ୍ରାକ୍ଷାରସ ଗ୍ରହଣ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆଜ୍ଞା ଦେଇଅଛନ୍ତି । (ପ୍ରେରିତ ୨୦:୭, ମାଥିଉ ୨୬:୨୬-୨୮, ୨ୟ କରିନ୍ଥୀ ୧୧:୨୩-୨୬) (୫) ଚାନ୍ଦା ଦେବା : ମଣ୍ଡଳୀର କାର୍ଯ୍ୟ ନିମନ୍ତେ, ସୁସମାଚାର ପ୍ରଚାର ନିମନ୍ତେ, ଦରିଦ୍ରମାନଙ୍କ ସାହାଯ୍ୟ ନିମନ୍ତେ ଆମ୍ଭେମାନେ ପ୍ରତି ରବିବାର ମଣ୍ଡଳୀରେ ଚାନ୍ଦା ଦେବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । (୧ମ କରିନ୍ଥୀ ୧୬:୨-୩)

ସପ୍ତାହର ପ୍ରଥମ ଦିନ, ପୁନଃରୁତ୍ଥାନର ଦିବସରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ମଣ୍ଡଳୀରେ ଉପସ୍ଥିତ ହୋଇ ତାହାଙ୍କ ଉପାସନା କରୁ । ଏହି ୫ଟି ଭାବରେ ପରମେଶ୍ୱରଙ୍କୁ ଆରାଧନା କଲେ ଆମ୍ଭେ ସତ୍ୟ ଓ ଆତ୍ମାରେ ଉପାସନା କରିପାରିବା । ଆରାଧନା ବିଷୟରେ ଯୀଶୁଙ୍କ ଉପଦେଶ ଶୁଣି ସେ ସ୍ତ୍ରୀ କହିଲେ, ''ଖ୍ରୀଷ୍ଟ ଆସୁଅଛନ୍ତି ବୋଲି ମୁଁ ଜାଣେ... ମୁଁ ସେ ଅଟେ ।'' (ଯୋହନ ୪:୨୬) ଯୀଶୁଙ୍କ ପରିଚୟ ପାଇ, ସେ ସ୍ତ୍ରୀ ଅତି ଆନନ୍ଦରେ, ସେଠାରେ ଜଳପାତ୍ର ଥୋଇ, ନଗରକୁ ଯାଇ ଖ୍ରୀଷ୍ଟଙ୍କ ବିଷୟକ ସମାଚାର ନଗରବାସୀଙ୍କୁ ଜଣାଇଲେ । ''ମୁଁ ଯାହା ଯାହା କରିଅଛି, ସେହି ସବୁ ସେ ମୋତେ କହିଲେ ବୋଲି ଯେଉଁ ସ୍ତ୍ରୀଲୋକ ସାକ୍ଷ୍ୟ ଦେଇଥିଲା, ତାହାର କଥା ହେତୁ ସେହି ନଗରର ଶମିରୋଣୀୟମାନଙ୍କ ମଧ୍ୟରୁ ଅନେକେ ତାହାଙ୍କ ଠାରେ ବିଶ୍ୱାସ କଲେ ... ଆଉ ସେ ଦୁଇଦିନ ସେ ସ୍ଥାନରେ ରହିଲେ । ପୁଣି, ତାହାଙ୍କ ବାକ୍ୟ ହେତୁ ଆହୁରି ଅନେକ ଲୋକ ବିଶ୍ୱାସ କଲେ ।'' (୪:୩୯-୪୨)

ଆପଣ କି ସଦାପ୍ରଭୁଙ୍କୁ ସତ୍ୟ ଓ ଆତ୍ମାରେ ଆରାଧନା କରୁଅଛନ୍ତି ? ତାହାଙ୍କ ପରିଚୟ ପାଇ ଶମିରୋଣ ସ୍ତ୍ରୀ ସଦୃଶ୍ୟ ଆପଣ କି ତାହାଙ୍କ ସୁସମାଚାର ଅନ୍ୟମାନଙ୍କ ନିକଟରେ ପ୍ରକଟ କରିଅଛନ୍ତି ?

**- Kabita Gootam**

❋ ❋ ❋

# ପରମେଶ୍ୱରଙ୍କୁ ସାକ୍ଷାତ କରିବାକୁ ପ୍ରସ୍ତୁତ ହୁଅ
## (Prepare to meet God)

ପରମେଶ୍ୱର ତାହାଙ୍କୁ ସାକ୍ଷାତ କରିବା ନିମନ୍ତେ ପ୍ରସ୍ତୁତ ହେବା ନିମନ୍ତେ ସର୍ବଦା ସତର୍କ କରନ୍ତି । ପରମେଶ୍ୱର, ଇଶ୍ରାଏଲ ଗୋଷ୍ଠୀକୁ ମିସର ଦାସତ୍ୱରୁ ମୁକ୍ତ, ପ୍ରତିଜ୍ଞାତ ଦେଶରେ ପ୍ରତିଷ୍ଠିତ କଲା ପରେ, ଇଶ୍ରାଏଲ ପରମେଶ୍ୱରଙ୍କ ଅନୁସରଣରୁ ବିମୁଖ ହେଲେ । ପରମେଶ୍ୱରଙ୍କ ନିକଟକୁ ଫେରି ଆସିବା ନିମନ୍ତେ, ଅନେକ ଭବିଷ୍ୟତବକ୍ତା ସେମାନଙ୍କ ନିକଟକୁ ପ୍ରେରିତ ହୋଇଥିଲେ । ପରମେଶ୍ୱର ସେମାନଙ୍କୁ ଅନେକ ସମୟରେ ଶାସ୍ତି ମଧ୍ୟ ଦେଇଥିଲେ । ତଥାପି ସେମାନେ ପରମେଶ୍ୱରଙ୍କ ନିକଟରେ ଆପଣାକୁ ନମ୍ର କରିନଥିଲେ । ସଦାପ୍ରଭୁ କହିଲେ, "......ତୁମ୍ଭେ ଆପଣା ପରମେଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ପ୍ରସ୍ତୁତ ହୁଅ ।" (ଆମୋଷ ୪:୧୨) ଏହି ବାକ୍ୟ ଦ୍ୱାରା ସେ ଆମ୍ଭମାନଙ୍କୁ ମଧ୍ୟ ସତର୍କ କରନ୍ତି ।

ଏଦନ ଉଦ୍ୟାନରେ ଆଦମ ପାପ କରିବା ପରେ, ସେ ପରମେଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ପ୍ରସ୍ତୁତ ନଥିଲା । ସମୟରୁ ଆରମ୍ଭ ସମୟରେ ଯେପରି, ସମୟର ଅନ୍ତ ସମୟରେ ମଧ୍ୟ ମନୁଷ୍ୟ ପରମେଶ୍ୱରଙ୍କୁ ସାକ୍ଷାତ କରିବାକୁ ପ୍ରସ୍ତୁତ ନୁହେଁ । ଦାଉଦ କହନ୍ତି, "..........ଦୁଷ୍ଟମାନେ ବିଚାର ସ୍ଥାନରେ, ଅବା ପାପୀମାନେ ଧାର୍ମିକମାନଙ୍କ ମଣ୍ଡଳୀରେ ଠିଆ ହେବେ ନାହିଁ ।" (ଗୀତ ୧:୫) କେବଳ ଧାର୍ମିକମାନେ ପରମେଶ୍ୱରଙ୍କୁ ସାକ୍ଷାତ କରିବାକୁ ପ୍ରସ୍ତୁତ ରହିବେ ।

ସାକ୍ଷାତ କରିବାକୁ ପ୍ରସ୍ତୁତ ହୋଇଥିବା ଲୋକମାନଙ୍କ ନିମନ୍ତେ, ସ୍ୱର୍ଗ ପ୍ରସ୍ତୁତ ହୋଇଅଛି । ପ୍ରଭୁ ଯୀଶୁ ଏହି ଜଗତରେ ଆପଣା କାର୍ଯ୍ୟ ସମାପ୍ତ କରି, ପିତା ପରମେଶ୍ୱରଙ୍କ ନିକଟକୁ ବାହୁଡ଼ି ଯିବା ପୂର୍ବରୁ କହିଲେ, "ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି, ଯଦି ନଥାନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି । ପୁଣି, ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।" (ଯୋହନ ୧୪:୨,୩) ଏହି ପ୍ରସ୍ତୁତ ସ୍ଥାନ ବିଷୟରେ ଯୋହନ ପ୍ରକାଶିତ ବାକ୍ୟରେ କହନ୍ତି, "ପୁଣି, ମୁଁ ପବିତ୍ର ନଗରୀ ଅର୍ଥାତ୍ ନୂତନ ଯିରୂଶାଲମକୁ ବର ନିମନ୍ତେ ସୁସଜ୍ଜିତା କନ୍ୟାର ସଦୃଶ୍ୟ ପ୍ରସ୍ତୁତ ହୋଇ ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି ।" (ପ୍ରକାଶିତ ୨୧:୨) ଏହି ପ୍ରସ୍ତୁତ ସ୍ଥାନରେ କେଉଁମାନେ ପ୍ରବେଶ କରିବେ ଯୋହନ ୨୭ତମ ବାକ୍ୟରେ

କହନ୍ତି, "କୌଣସି ଅଶୁଚି ବିଷୟ କିଅବା ଘୃଣ୍ୟକର୍ମକାରୀ ଓ ମିଥ୍ୟାଚାରୀ କେହି ସେଥିରେ କଦାପି ପ୍ରବେଶ କରିପାରିବ ନାହିଁ, କେବଳ ଯେଉଁମାନଙ୍କ ନାମ ମେଷଶାବକମାନଙ୍କ ଜୀବନ ପୁସ୍ତକରେ ଲିଖିତ୍ ଅଛି, ସେମାନେ ପ୍ରବେଶ କରିବେ ।"

ପରମେଶ୍ୱରଙ୍କ ପବିତ୍ର ନଗରୀରେ ପରମେଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ଇଚ୍ଛୁକ ଲୋକେ ଆପଣା ଆପଣା କୁକର୍ମରୁ ଧୌତ ହୋଇ, ମେଷଶାବକଙ୍କ ପୁସ୍ତକରେ ଆପଣା ନାମ ଲେଖାଇବା ଆବଶ୍ୟକ ବୋଲି ଉପରୋକ୍ତ ବାକ୍ୟ ଦ୍ୱାରା ବୁଝିପାରୁ । ଖ୍ରୀଷ୍ଟ ଠାରେ ହିଁ ଆମ୍ଭେ ପାପରୁ ମୁକ୍ତି ଓ ଘୃଣ୍ୟକର୍ମ ଠାରୁ ଧୌତ ହୋଇପାରୁ । "....ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁରୁ କ୍ଷମାପ୍ରାପ୍ତ ହୋଇଅଛୁ ।" (ଏଫିସୀ ୧:୭) ଖ୍ରୀଷ୍ଟଙ୍କ ଠାରୁ ବାହାରେ ରହି ଯାହାସବୁ କରୁ, ତାହା ପାପ ରୂପେ ପରିଗଣିତ ହେବ । ପ୍ରେରିତ ଯୋହନ କହନ୍ତି, "ଆମ୍ଭେମାନେ ଯେ ଈଶ୍ୱରଙ୍କ ଠାରୁ ଜାତ ଓ ସମସ୍ତ ଜଗତ ଯେ ପାପାତ୍ମାର ଅଧିନ, ଏହା ଆମ୍ଭେମାନେ ଜାଣୁ ।" (୧ମ ଯୋହନ ୫:୧୯) ତେଣୁକରି, ଏହି ଜଗତର ଅଧିକାଂଶ ଲୋକେ ପରମେଶ୍ୱରଙ୍କୁ ସାକ୍ଷାତ କରିବାକୁ ପ୍ରସ୍ତୁତ ନୁହନ୍ତି । ୨ କରିନ୍ଥୀ ୫:୧୯ ପଦରେ, ପାଉଲ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କ ସହିତ ସାକ୍ଷାତ କରିଥାଉଁ ବୋଲି କହନ୍ତି । ଅତଏବ, ମନୁଷ୍ୟ ଯେତେ ପର୍ଯ୍ୟନ୍ତ ଆପଣା ପାପରୁ ମନପରିବର୍ତ୍ତନ କରି ବାପ୍ତିଜିତ ନହୁଏ, ସେ ତେ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ପ୍ରସ୍ତୁତ ନୁହେଁ । (ଗାଲାତୀ ୩:୨୭ ଓ ପ୍ରେରିତ ୨:୩୮)

ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା ସମୟ ଠାରୁ ଆମ୍ଭମାନଙ୍କ ଖ୍ରୀଷ୍ଟିୟ ଜୀବନ ଆରମ୍ଭ ହୁଏ । ଖ୍ରୀଷ୍ଟଙ୍କ ଦ୍ୱାରା ହିଁ ଆମ୍ଭମାନଙ୍କ ଈଶ୍ୱରଙ୍କ ଆରାଧନା ଗ୍ରହଣ ଯୋଗ୍ୟ ହୁଏ । ପାଉଲ କହନ୍ତି, "କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ; ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟଯୀଶୁଙ୍କ ଠାରେ ସୃଷ୍ଟ (ଏଫିସୀ ୨:୧୦) ଆମ୍ଭେମାନେ ତାହାଙ୍କ ଠାରେ ଓ ତାହାଙ୍କୁ ଉପାସନା କରିବାରେ ବିଶ୍ୱସ୍ତ ରହିଲେ, ଆମ୍ଭେମାନେ ଧାର୍ମିକତା ରୂପ ବସ୍ତ୍ର ଧାରଣ କରିପାରିବା, ଏପରିଭାବେ ଆମ୍ଭେମାନେ ପରମେଶ୍ୱରଙ୍କୁ ସାକ୍ଷାତ କରିବା ନିମନ୍ତେ ପ୍ରସ୍ତୁତ ହୋଇପାରିବା । (ପ୍ରକାଶିତ ୧୯:୬-୮) ସେଠାରେ ନିତ୍ୟ ଆନନ୍ଦ ଓ ନିତ୍ୟ ସନ୍ତୋଷରେ ପରମେଶ୍ୱରଙ୍କ ସାନିଧ୍ୟରେ ବାସ କରିପାରିବା ।

**- S.C. Kinningham**

# “ଦେଖ, ଶୁଣିବା ବଳିଦାନ ଠାରୁ...”
## (Behold, to obey is better)

ଇଶ୍ରାଏଲ ଗୋଷ୍ଠୀ ମିସର ଦେଶରୁ ବାହାରି କିଣାନ ଦେଶକୁ ପ୍ରସ୍ଥାନ କରିବା ପଥ ମଧ୍ୟରେ, କେତେକ ଲୋକ ଦଳର ପଶ୍ଚାତ୍ ରହିଗଲେ । ସେହି ଦୁର୍ବଳ ଲୋକମାନଙ୍କୁ ଅମାଲେକମାନେ ଆକ୍ରମଣ କରିବା ସଦାପ୍ରଭୁଙ୍କ ଦୃଷ୍ଟିରେ ଅସନ୍ତୋଷଜନକ ଥିଲା । ତେଣୁକରି ସଦାପ୍ରଭୁ କହିଥିଲେ, “...ତୁମ୍ଭେ ଆକାଶ-ତଳରୁ ଅମାଲୋକର ସ୍ମରଣ ଚିହ୍ନ ଲୋପ କରିବ, ତୁମ୍ଭେ ପାସୋରିବ ନାହିଁ ।” (ଦ୍ୱିତୀୟ ବିବରଣ ୨୫:୧୭-୧୯)

ଇଶ୍ରାଏଲ ଗୋଷ୍ଠୀ କିଣାନ ଦେଶ ହସ୍ତଗତ କରିବାର ୪୦୦ ବର୍ଷ ପରେ ସେମାନେ ଆପଣା ନିମନ୍ତେ ଏକ ରାଜା ନିମନ୍ତେ ସଦାପ୍ରଭୁଙ୍କ ଠାରେ ଅନୁରୋଧ କଲେ । ସଦାପ୍ରଭୁଙ୍କ ଭାବବାଦୀ ଓ ବିଚାରକର୍ତ୍ତା ଶାମୂୟେଲଙ୍କୁ ରାଜାଭିଷିକ୍ତ କଲେ । ବିନ୍ୟାବିନୀୟ କୀଶର ପୁତ୍ର ଶାଉଲ ଏକ ଅତି ସୁନ୍ଦର, ନମ୍ର ଯୁବକ, ଇଶ୍ରାଏଲର ପ୍ରଥମ ରାଜା ହେଲେ ।

ଶାଉଲଙ୍କ ରାଜୁତିର କିଛି ବର୍ଷ ପରେ, ସଦାପ୍ରଭୁ ଶାଉଲଙ୍କ ଅମାଲେକମାନଙ୍କୁ ଧ୍ୱଂସ କରିବା ନିମନ୍ତେ ଆଜ୍ଞା ଦେଲେ । ସେମାନଙ୍କର ସର୍ବସ୍ୱ ବର୍ଜ୍ଜିତ ରୂପେ ବିନାଶ କରିବା ସଦାପ୍ରଭୁଙ୍କ ଇଚ୍ଛା ଥିଲା । ଏକଲକ୍ଷ ସୈନ୍ୟ ସହିତ ଶାଉଲ ସେମାନଙ୍କୁ ଧ୍ୱଂସ କରିବା ନିମନ୍ତେ ଅଗ୍ରସର ହେଲେ । ସେମାନେ ରାଜା ଆଗାଗ ବ୍ୟତୀତ ସମସ୍ତଙ୍କୁ ବଧ କଲେ । ହୃଷ୍ଟପୁଷ୍ଟ ବାଛୁରୀ ଓ ମେଷ ଛୁଆ ବ୍ୟତୀତ ଯାହାକିଛି ତୁଚ୍ଛ ଓ ରୋଗା ଥିଲା ସେସବୁ ବର୍ଜ୍ଜିତ ରୂପେ ବିନାଶ କଲେ । (୧ମ ଶାମୂୟେଲ ୧୫:୯)

ବିଜୟୀ ଶାଉଲ ଯୁଦ୍ଧରୁ ଫେରିବା ସମୟରେ ଗିଲଗଲରେ ଶାମୂୟେଲଙ୍କ ଦେଖା ପାଇ କହିଲେ, “.....ତୁମ୍ଭେ ସଦାପ୍ରଭୁଙ୍କ ଆଶୀର୍ବାଦପ୍ରାପ୍ତ, ମୁଁ ସଦାପ୍ରଭୁଙ୍କ ବାକ୍ୟ ସଫଳ କରିଅଛି ।” (୧ମ ଶାମୂୟେଲ ୧୫:୧୩) ତହିଁରେ ଶାମୂୟେଲ କହିଲେ, ତେବେ ମୋ କର୍ଣ୍ଣରେ ଯେ ମେଷରବ ହେଉଛି ଓ ମୁଁ ଯେ ଗୋରୁରବ ଶୁଣୁଛି, ଏଥିର ଅର୍ଥ କଅଣ ? (୧୫:୧୪) ତହିଁରେ ଶାଉଲ ଆପଣା ଦୋଷ ଢ଼ାଙ୍କିବା ପାଇଁ କହିଲେ, “......ଲୋକମାନେ ଉତ୍ତମ ଉତ୍ତମ ମେଷ ଓ ଗୋରୁ ପ୍ରତି ଦୟା କଲେ....” (୧୫:୧୫) । ସେଗୁଡ଼ିକ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଦେବା ସେମାନଙ୍କ ଉଦ୍ଦେଶ୍ୟ ଥିଲା । ତେଣୁ ଶାମୁୟେଲ କହିଲେ, “.....ଦେଖ, ଶୁଣିବା ବଳିଦାନ ଠାରୁ ଓ ମନୋଯୋଗୀ ହେବା ମେଷମେଦ ଠାରୁ ଉତ୍ତମ ।” (୧୫:୨୨) ଶାଉଲଙ୍କ ଆଜ୍ଞା ଲଙ୍ଘନ ହେତୁ, ସଦାପ୍ରଭୁ ତାହାଙ୍କୁ ରାଜା ରହିବାକୁ ତୁଚ୍ଛ କଲେ ।

ଏହି ଘଟଣାରୁ ଆମ୍ଭେମାନେ ଦୁଇଟି ବିଷୟ ଶିକ୍ଷା କରୁ -

୧) ସଦାପ୍ରଭୁ ଆମ୍ଭମାନଙ୍କ ଠାରୁ ଆଜ୍ଞାବହତା ଲୋଡ଼ନ୍ତି । ଯୀଶୁ କହିଲେ,''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । (ମାଥିଉ ୭:୨୧) (ଏବ୍ରୀ ୫:୮-୯ ଓ ଉପଦେଶକ ୧୨:୧୩-୧୪ ପଢ଼ନ୍ତୁ) ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ବାକ୍ୟ ଆମ୍ଭମାନଙ୍କୁ ଆଜ୍ଞା ଦେଉଥିବାରୁ (ଯାକୁବ ୧:୨୭), ଆମ୍ଭେମାନେ ଦରିଦ୍ରମାନଙ୍କୁ ସାହାଯ୍ୟ କରୁ । ସଦାପ୍ରଭୁ ଆମ୍ଭମାନଙ୍କୁ ପରସ୍ପର ପ୍ରେମ କରିବା ନିମନ୍ତେ ଆଜ୍ଞା ଦେଇଥିବାରୁ ଆମ୍ଭେମାନେ ପରସ୍ପର ପ୍ରେମ କରୁ ।

୨) ଅସମ୍ପୂର୍ଣ୍ଣ ଆଜ୍ଞାବହତା ସଦାପ୍ରଭୁଙ୍କ ଦୃଷ୍ଟିରେ ଆଜ୍ଞାବହତା ନୁହେଁ । ଶାଉଲ, ରାଜା ବ୍ୟତୀତ ସମସ୍ତ ଅମାଲେକୀୟମାନଙ୍କୁ ହତ କଲେ, ଏବଂ ହୃଷ୍ଟପୃଷ୍ଟ ମେଷ ଓ ଗୋରୁ ବ୍ୟତୀତ ଅନ୍ୟ ପଶୁ ବିନାଶ କରିଥିଲେ, କିନ୍ତୁ ସଦାପ୍ରଭୁଙ୍କ ଦୃଷ୍ଟିରେ ତାହା ଅନାଜ୍ଞାବହତା ଥିଲା । ମାର୍କ ୧୬:୧୬ ପଦନୁଯାୟୀ ଆମ୍ଭମାନଙ୍କ ପ୍ରତ୍ୟେକଙ୍କୁ ବିଶ୍ୱାସ କରି ବାପ୍ତିଜିତ ହେବା ଆବଶ୍ୟକ । କେବଳ ବିଶ୍ୱାସ ଆମ୍ଭମାନଙ୍କୁ ପରିତ୍ରାଣ ଦେଇପାରେ ନାହିଁ । ପୁନଃର୍ବାର ପ୍ରେରିତ ୨:୩୮, ଆମ୍ଭମାନଙ୍କୁ ''ମନ ପରିବର୍ତ୍ତନ'' କରି 'ବାପ୍ତିଜିତ' ହେବାକୁ ଆଜ୍ଞା ଦିଏ । କେବଳ 'ମନ ପରିବର୍ତ୍ତନ' ସମ୍ପୂର୍ଣ୍ଣ ଆଜ୍ଞାପାଳନ ନୁହେଁ । ଶାଉଲଙ୍କୁ ଯେପରି ସଦାପ୍ରଭୁ ଆଜ୍ଞା ଦେଇଥିଲେ, ଆମ୍ଭମାନଙ୍କୁ ବାପ୍ତିଜିତ ହେବା ନିମନ୍ତେ ଆଜ୍ଞା ଦିଅନ୍ତି । ଏହି କାର୍ଯ୍ୟରେ ଆମ୍ଭେମାନେ ବିଫଳ ହେଲେ, ଶାଉଲଙ୍କ ସଦୃଶ୍ୟ ବିଫଳ ହେବା, ସଦାପ୍ରଭୁ ଯାହା ଆଜ୍ଞା କରନ୍ତି, ତାହା ସଂପୂର୍ଣ୍ଣରୂପେ ପାଳନ କରୁ !

''ଦେଖ, ଶୁଣିବା ବଳିଦାନ ଠାରୁ ଓ ମନୋଯୋଗୀ ହେବା ମେଷମେଦ ଠାରୁ ଉତ୍ତମ ।''

- A.A. Meeks Sr.

❋ ❋ ❋

# ପରମେଶ୍ୱର ସ୍ୱପ୍ନ ଦ୍ୱାରା କି ଆଜି କଥା କହନ୍ତି ?
## (Does God speak in Dreams Today ?)

ପୁରାତନ ନିୟମର ସମୟରେ ଅନେକଥର ସଦାପ୍ରଭୁ ସ୍ୱପ୍ନ ଦ୍ୱାରା ମନୁଷ୍ୟମାନଙ୍କ ସହିତ କଥା କହିଥିଲେ । ଇସ୍‌ହାସ ଓ ରିବିକା ଦୁହେଁ ବିବାହିତ ସ୍ୱାମୀ/ସ୍ତ୍ରୀ ବୋଲି ସ୍ୱପ୍ନ ଯୋଗେ ସଦାପ୍ରଭୁ, ରାଜା ଅବିମେଲକଙ୍କୁ ଜଣାଇଥିଲେ । (ଆଦି ୨୦:୩-୬) ସଦାପ୍ରଭୁ ସ୍ୱପ୍ନ ଦ୍ୱାରା ଯାକୁବକୁ ସୌଭାଗ୍ୟର ସପନ ଦେଖାଇଥିଲେ । (ଆଦି ୩୧:୫-୧୦) ଫାରୋ ରାଜାଙ୍କ ପାନପାତ୍ର ବାହକ ଓ ସୂପକାରଙ୍କ ଭବିଷ୍ୟତ ବିଷୟରେ ସେ ଯୋସେଫଙ୍କୁ ସ୍ୱପ୍ନ ଯୋଗେ ଜଣାଇଥିଲେ । (ଆଦି ୪୦:୪୧ ପର୍ବ) ସଦାପ୍ରଭୁ ରାଜାଙ୍କ ସ୍ୱପ୍ନର ଅର୍ଥ ପ୍ରକାଶ କରି, ତାହାଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଥିଲେ । (ଦାନିଏଲ୍ ୨ମ ପଦ)

ସ୍ୱପ୍ନ ବିଷୟରେ ସଦାପ୍ରଭୁ କହନ୍ତି,"ଯେଉଁ ଭବିଷ୍ୟତବକ୍ତା ସ୍ୱପ୍ନ ଦେଖିଅଛି, ସେ ସ୍ୱପ୍ନ କଥା ପ୍ରକାଶ କରୁ ପୁଣି ଯେ ଆମ୍ଭର ବାକ୍ୟ ପାଇଅଛି, ସେ ବିଶ୍ୱସ୍ତ ରୂପେ ଆମ୍ଭର ବାକ୍ୟ କହୁ...." । (ଯିରିମିୟ ୨୩:୨୮) ଅର୍ଥାତ୍ ଆପଣ ଯଦି ଏକ ସ୍ୱପ୍ନ ଦେଖିଅଛନ୍ତି, ତାହା ଏକ ସ୍ୱପ୍ନ ରୂପେ ପ୍ରକାଶ କର, କିନ୍ତୁ ସଦାପ୍ରଭୁଙ୍କ ବାକ୍ୟ ରୂପେ ନୁହେଁ । ଯୋସେଫ, ଯିଶାଇୟ, ଦାନିୟେଲ ପ୍ରଭୃତିଙ୍କ ଦ୍ୱାରା ସଦାପ୍ରଭୁ ସ୍ୱପ୍ନ ଯୋଗେ ଆପଣା ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ଯେ ସ୍ୱପ୍ନ ଦେଖିଅଛି, ସେ ସଦାପ୍ରଭୁଙ୍କ ବାକ୍ୟ ରୂପେ ନକହୁ !

ଆଜି ସଦାପ୍ରଭୁ ମନୁଷ୍ୟମାନଙ୍କ ସହିତ କିପରି କଥା କହନ୍ତି ? ଆଜି ପର୍ଯ୍ୟନ୍ତ କି ସେ ସ୍ୱପ୍ନ ଯୋଗେ ମନୁଷ୍ୟ ସହିତ ଯୋଗାଯୋଗ କରୁଅଛନ୍ତି । ଜଣେ ମନୁଷ୍ୟ ବିଦ୍ୟାଳୟର ଅନେକ ଛାତ୍ରମାନଙ୍କୁ ହତ୍ୟା କରି, ସେ ସଦାପ୍ରଭୁଙ୍କ ଠାରୁ ସ୍ୱପ୍ନ ଯୋଗେ ଆଦେଶ ପ୍ରାପ୍ତ ହୋଇଅଛି ବୋଲି ସାକ୍ଷ୍ୟ ଦେଲା ଆପଣ କି ଏହାର ସାକ୍ଷ୍ୟ ବିଶ୍ୱାସ କରୁଅଛନ୍ତି ? ଆମ୍ଭେମାନେ ଦେଖିଥିବା ସ୍ୱପ୍ନ ପରମେଶ୍ୱରଙ୍କ ଠାରୁ କିଅବା ମନୁଷ୍ୟ ଠାରୁ କିପରି ଜାଣିପାରିବା ?

ଏବ୍ରୀ ୧:୧ ପଦରେ ଲେଖାଯାଏ,"ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ

ଓ ବିଭିନ୍ନ ପ୍ରକାର ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ବିଷୟର ଅଧିକାରୀ କରି ନିଯୁକ୍ତ କଲେ ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ ।'' ପୂର୍ବକାଳରେ ସଦାପ୍ରଭୁ (ଆଦମ ଠାରୁ ଯୀଶୁଖ୍ରୀଷ୍ଟଙ୍କ ସମୟ ପର୍ଯ୍ୟନ୍ତ) ବିଭିନ୍ନ ଭାବେ ମନୁଷ୍ୟମାନଙ୍କ ସହିତ କଥା କହିଥିଲେ । କିନ୍ତୁ ବର୍ତ୍ତମାନ ସେ ଏକ ପରିବର୍ତ୍ତନ ଆଣିଅଛନ୍ତି । ବର୍ତ୍ତମାନ ସେ ଆମ୍ଭମାନଙ୍କୁ ଆପଣା ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା କଥା କହନ୍ତି । ଖ୍ରୀଷ୍ଟ ଆମ୍ଭମାନଙ୍କୁ କିପରି କଥା କହନ୍ତି ? ସ୍ୱପ୍ନ ଦ୍ୱାରା କିଅବା ଅନ୍ୟ କୌଣସି ମାଧ୍ୟମ ଦ୍ୱାରା ?

ଯୀଶୁ ଆପଣା ଶିଷ୍ୟମାନଙ୍କୁ, ସେ ପିତାଙ୍କ ନିକଟକୁ ବାହୁଡ଼ି ଚାଲିଯାଉଛନ୍ତି, କିନ୍ତୁ ସେମାନଙ୍କୁ ପଦଦର୍ଶକ ଭାବେ ପବିତ୍ର ଆତ୍ମାଙ୍କୁ ସେ ପ୍ରେରଣ କରିବେ ବୋଲି ଶିଷ୍ୟମାନଙ୍କୁ କହିଥିଲେ । ''ଯେ ତୁମ୍ଭମାନଙ୍କର କଥା ଶୁଣେ, ସେ ମୋ କଥା ଶୁଣେ, ପୁଣି ଯେ ତୁମ୍ଭମାନଙ୍କୁ ଅଗ୍ରାହ୍ୟ କରେ, ସେ ମୋତେ ଅଗ୍ରାହ୍ୟ କରେ, ସେ ମୋ ପ୍ରେରଣକର୍ତ୍ତାଙ୍କୁ ଅଗ୍ରାହ୍ୟ କରେ । .....କାରଣ କଅଣ କହିବାକୁ ହେବ, ତାହା ପବିତ୍ର ଆତ୍ମା ସେହି ଦଣ୍ଡରେ ତୁମ୍ଭମାନଙ୍କୁ ଶିଖାଇବେ ।'' (ଲୂକ ୧୦:୧୬,୧୨:୧୨) ''କିନ୍ତୁ ସେହି ସାହାଯ୍ୟକାରୀ ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ । ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହି ସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।'' (ଯୋହନ ୧୪:୨୬, ୧୬:୧୩)

ସେ କିପରି ଆମ୍ଭମାନଙ୍କୁ କଢ଼ାଇ ନେବେ ? ପାଉଲ କହନ୍ତି,''କାରଣ ମନୁଷ୍ୟର ବିଷୟ ସବୁ ମନୁଷ୍ୟ ଠାରେ ଥିବା ଆତ୍ମା ବିନା ଆଉ କିଏ ଜାଣେ ? ସେହିପରି ମଧ୍ୟ ଈଶ୍ୱରଙ୍କ ବିଷୟସବୁ ଈଶ୍ୱରଙ୍କ ଆତ୍ମା ବିନା ଆଉ କେହି ଜାଣେ ନାହିଁ, ଯେପରି ଈଶ୍ୱରଙ୍କ ଆତ୍ମା ଦ୍ୱାରା ଆମ୍ଭମାନଙ୍କୁ ଦତ୍ତ ବିଷୟଗୁଡ଼ିକ ଆମ୍ଭେମାନେ ଜାଣିପାରୁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ । ସେହି ସମସ୍ତ ବିଷୟ ମଧ୍ୟ ଆମ୍ଭେମାନେ ମନୁଷ୍ୟର ଜ୍ଞାନ ଦ୍ୱାରା ଶିକ୍ଷିତ ବାକ୍ୟରେ କହି ନଥାଉ, ମାତ୍ର ଆତ୍ମିକ ବିଷୟ ସବୁ ଆତ୍ମିକ ବିଷୟ ଦ୍ୱାରା ବୁଝାଇ ଆତ୍ମାଙ୍କ ଦ୍ୱାରା ଶିକ୍ଷିତ ବାକ୍ୟରେ କହିଥାଉଁ । (୧ମ କରିନ୍ଥୀ ୨:୧୧-୧୩) କେତେ ସରଳ ଓ ସହଜ ଭାବେ ବାକ୍ୟ ଆମ୍ଭମାନଙ୍କୁ ଏଠାରେ ବୁଝାଇ ଦିଏ ! ଆଜି ଆମ୍ଭେମାନେ ସ୍ୱପ୍ନ ଦ୍ୱାରା ପରମେଶ୍ୱରଙ୍କ ଠାରୁ ସନ୍ଦେଶ

ପାଇନଥାଉ କିନ୍ତୁ ବାକ୍ୟ ଦ୍ୱାରା, ଯାହା ଆତ୍ମାଙ୍କ ଦ୍ୱାରା କୁହାଯାଇଅଛି । ଆତ୍ମାଙ୍କ ଦ୍ୱାରା ଜଣାଇ ଦେଇଥିବା ବିଷୟଗୁଡ଼ିକ ଆମ୍ଭମାନଙ୍କୁ ପ୍ରେରିତ ମାନଙ୍କ ଲେଖନୀ ଦ୍ୱାରା ବ୍ୟକ୍ତ ହୋଇଅଛି ।

ପ୍ରେରିତ ପାଉଲ କହନ୍ତି,"ଆଉ, ଏହି କାରଣରୁ ଆମ୍ଭେମାନେ ମଧ୍ୟ ନିରନ୍ତର ଈଶ୍ୱରଙ୍କର ଧନ୍ୟବାଦ କରୁଅଛୁ ଯେ, ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲ, ସେତେବେଳେ ତାହା ମନୁଷ୍ୟର ବାକ୍ୟସ୍ୱରୂପ ଗ୍ରହଣ ନକରି ବରଂ ଈଶ୍ୱରଙ୍କ ବାକ୍ୟ ସ୍ୱରୂପ ଗ୍ରହଣ କରିଥିଲ, ଆଉ ବାସ୍ତବରେ ତାହା ଈଶ୍ୱରଙ୍କର ବାକ୍ୟ ଅଟେ, ପୁଣି ବିଶ୍ୱାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ଅନ୍ତରରେ ତାହା ମଧ୍ୟ କାର୍ଯ୍ୟ ସାଧନ କରୁଅଛି ।" (୧ମ ଥେସ ୨:୧୩) । ଆଜି ପରମେଶ୍ୱର ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହନ୍ତି । ପ୍ରଭୁଯୀଶୁଙ୍କ କଥିତ ବାକ୍ୟ, ପ୍ରେରିତମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଲେଖିଥିଲେ । ସେହି ଲିଖିତ ବାକ୍ୟ ଦ୍ୱାରା ପରମେଶ୍ୱର ଆମ୍ଭମାନଙ୍କ ସହିତ କଥା କହନ୍ତି ।

**- Clem Thurman**

❋❋❋

# ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟଗଣ

## (The Apostles of Jesus)

**ପିତର :-** ଅନ୍ୟନାମ ଶିମୋନ । ଯୀଶୁ ତାହାଙ୍କ ନାମ 'କେଫା' ରଖିଲେ, ଅର୍ଥାତ୍ 'ପଥର' । ସେ ଯିହୂଦୀମାନଙ୍କ ମଧ୍ୟରେ ସୁସମାଚାର ପ୍ରଚାର କରିଥିଲେ । ୧ମ ପିତର ଓ ୨ୟ ପିତର ପୁସ୍ତକଦ୍ୱୟ ତାହାଙ୍କ ଦ୍ୱାରା ଲିଖିତ ହୋଇଥିଲା । ମାର୍କ ଲିଖିତ ସୁସମାଚାର ତାହାଙ୍କ ସାହାଯ୍ୟରେ ଲିଖିତ ହୋଇଥିଲା ।

**ଆନ୍ଦ୍ରିୟ :-** ଆନ୍ଦ୍ରିୟ, ପିତରଙ୍କ ଭାଇ ଯେ କି ପିତରଙ୍କୁ ଯୀଶୁଙ୍କ ନିକଟକୁ କଢ଼ାଇ ଆଣିଥିଲେ । (ଯୋହନ ୧:୪୦-୪୨) ଏହି ଭାଇଦ୍ୱୟ ବେଥସେଦା ଗ୍ରାମ ବାସୀ ।

**ଯାକୁବ :-** ଯୋହନଙ୍କ ଭାଇ ଥିଲେ । ଏମାନେ ଦୁହେଁ, ଜାବେଦୀ ଓ

ଶଲୋମୀଙ୍କ ପୁତ୍ର ଥିଲେ । ଯାକୁବ ଯିରୂଶାଲମ ଓ ଯିହୂଦାରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ ଓ ଯିହୂଦାରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ଖ୍ରି:ଅ: ୪୪ ମସିହାରେ ହେରୋଦ ତାହାଙ୍କ ମସ୍ତକ ଛେଦନ କରିଥିଲେ । ସେ ପ୍ରେରିତମାନଙ୍କ ମଧ୍ୟରେ ପ୍ରଥମ ହତସାକ୍ଷୀ । ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ସେ ବଡ଼ ଯାକୁବ ।

**ଯୋହନ :-** ଯୋହନ, ଯାକୁବଙ୍କ ଭାଇ ଥିଲେ । ପିତାଙ୍କ ସହ ଦୁହେଁ ମତ୍ସ୍ୟଜୀବୀ ଥିଲେ । ଯୀଶୁ ଏହି ଦୁଇଭାଇଙ୍କୁ ମେଘନାଦର ପୁତ୍ର ବୋଲି ନାମିତ କରିଥିଲେ । (ମାର୍କ ୮:୧୭) ଏସିଆଞ୍ଚଳ ବିଶେଷ କରି ଏଫିସୀରେ ସେ ପ୍ରଭୁଙ୍କ ପରିଚର୍ଯ୍ୟା କରିଥିଲେ । ସେ ପାତ୍ମ ଦ୍ୱୀପକୁ ନିର୍ବାସିତ ହୋଇଥିବା ସମୟରେ ତାହାଙ୍କ ନିକଟକୁ ପରମେଶ୍ୱରଙ୍କ ବାକ୍ୟ ପ୍ରକାଶିତ ହୋଇଥିଲା । ଯୋହନ ଲିଖିତ ସୁସମାଚାର ଏବଂ ତିନୋଟି ପତ୍ରିକା ତାହାଙ୍କ ଦ୍ୱାରା ଲିଖିତ ହୋଇଅଛି ।

**ଫିଲିପ :-** ବେଥସେଦା ବାସୀ ଥିଲେ । ସେ ନାଥନିୟେଲଙ୍କୁ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଜଣାଇଥିଲେ । (ଯୋହନ ୧:୪୪-୪୬)

**ବାର୍ଥଲୋମୀ :-** ଯୋହନଙ୍କ ଲିଖିତ ସୁସମାଚାରରେ କୁହାଯାଇଥିବା ନିଥନିୟେଲ (ଯୋହନ ୧:୪୪-୪୬) ସେ ଗାଲୀଲୀର କାନା ନଗରବାସୀ ଥିଲେ ।

**ଥୋମା :-** ତାହାଙ୍କ ଅନ୍ୟନାମ ଦ୍ୱିଦ୍ମ ଅର୍ଥାତ୍ ଯାଆଁଳା (ଯୋହନ ୧୧:୧୬, ୨୦:୨୪, ୨୧:୨) ସେ ଗାଲୀଲୀ ନଗରବାସୀ ଥିଲେ । ସେ ସିରିଆ ଦେଶରେ ଖ୍ରୀଷ୍ଟଧର୍ମ ପ୍ରଚାର କରି, ମଣ୍ଡଳୀ ସ୍ଥାପନ କରିଥିଲେ । ସେମାନଙ୍କ ଇତିହାସ କହେ । ତାହାଙ୍କ ଦ୍ୱାରା ପାରସିକ ଦେଶ ତଥା ଭାରତ ଦେଶରେ ମଣ୍ଡଳୀ ସ୍ଥାପିତ ହୋଇଥିଲା ।

**ମାଥିଉ :-** ଆଲଫିଙ୍କ ପୁତ୍ର ମାଥିଉଙ୍କ ଅନ୍ୟନାମ ଲେବୀ । (ମାଥିଉ ୯:୯, ମାର୍କ ୨:୧୪) ସେ କଫର୍ନାହୂମ ନଗରବାସୀ ଏବଂ ରୋମ ସାମ୍ରାଜ୍ୟ ନିମନ୍ତେ କର ଆଦାୟ ତାହାଙ୍କ ପେଷା ଥିଲା ।

**ଯାକୁବ :-** ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟଗଣ ମଧ୍ୟରୁ, ସାନ ଯାକୁବ । ସେ ଆଲଫି ଓ ମରିୟମଙ୍କ ପୁତ୍ର (ମାଥିଉ ୧୦:୩, ୨୭:୫୬) (ସେ ମାଥିଉଙ୍କ ଭାଇ ହୋଇଥାଇ ପାରନ୍ତି, ଆମେ ସେ ବିଷୟରେ ବିଶେଷ କିଛି ଜାଣୁନାହୁଁ ?) ଗାଲୀଲୀ ନିବାସୀ ଯାକୁବ, ''ଯାକୁବ ପତ୍ର''ର କର୍ତ୍ତା ଅଟନ୍ତି ।

ଥଦ୍ଦୀୟ :- ତାହାଙ୍କ ପିତାଙ୍କ ନାମ ଯାକୁବ । ସେ ଯିହୂଦା ନାମରେ ମଧ୍ୟ ପରିଚିତ (ମାଥିଉ ୧୦:୩ ଓ ଲୂକ ୬:୧୬) ସେ ଗାଲୀଲି ନିବାସୀ ଥିଲେ ।

ଶିମୋନ :- କୁରୋପୀୟ ଶିମୋନ, ଗାଲୀଲି ନିବାସୀ ଥିଲେ ।

ଇଷ୍କାରିତ ଯିହୂଦା :- ଇଷ୍କାରିତର ଅର୍ଥ ସେ ଯିହୂଦା ଦେଶ KERIOTH ରୁ ଆସିଥିଲେ । ସେ ଯୀଶୁଖ୍ରୀଷ୍ଟଙ୍କ ସହିତ ବିଶ୍ୱାସଘାତକତା କରିଥିଲା । ତପ୍ରେ ସେ ଆତ୍ମହତ୍ୟା କରିଥିଲା ।

ମଥିୟ :- ଇଷ୍କାରିତ ଯିହୂଦାଙ୍କ ଆତ୍ମହତ୍ୟା ପରେ, ଗୁଲିବାଣ୍ଟ ଦ୍ୱାରା ପ୍ରେରିତମାନଙ୍କ ମଧ୍ୟରୁ ଜଣେ ରୂପେ ଗଣିତ ହେଲେ । ଯୀଶୁଖ୍ରୀଷ୍ଟ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ଦିନରୁ ଆରମ୍ଭ କରି ଖ୍ରୀଷ୍ଟଙ୍କ ପୁନଃରୁଥାନ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ସହିତ ଥିଲେ ବୋଲି ପ୍ରେରିତ ୧:୨୨ ପଦରେ ପଢ଼ିଥାଉଁ ।

ପାଉଲ:- ମଣ୍ଡଳୀରେ ତାଡ଼ନାକାରୀ ଶାଉଲ, ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ପରେ ପାଉଲ ରୂପେ ପରିବର୍ତ୍ତିତ ହୋଇଥିଲେ । ରୋମୀୟ ୧୧:୧୩, ୧ମ କରିନ୍ଥୀ ୧:୧, ୯:୧, ୧୫:୯, ୨ କରିନ୍ଥୀ ୧୨:୧୨, ଗାଲାତୀ ୧:୧,୧ ଏବଂ ତୀମଥି ୨:୭ ପଦାନୁଯାୟୀ ସେ ବିଜାତୀୟ ମଧ୍ୟରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ବିଶେଷଭାବେ ମନୋନୀତ ହୋଇଥିଲେ । ଯୀଶୁଖ୍ରୀଷ୍ଟ ତାହାଙ୍କ ଦାମେସ୍କକ ସଡ଼କରେ ଦର୍ଶନ ଦେଇଥିଲେ । ସେ ନୂତନ ନିୟମରେ ଅଧିକାଂଶ ପତ୍ରର କର୍ତ୍ତା ଅଟନ୍ତି ।

**- The Word of Truth**

❋❋❋

**Edited & Published by : Kabita & Joshua Gootam**

# THE TRANSFIGURATION

## Matthew 17:19; 2 Peter 1 : 16-21

**INTRODUCTION :**

1) Here we have story of the transfiguration. 2) Jesus was transfigured or changed from flesh to Spirit. 3) Also Moses and Elias appeared in the spirit. 4) All of this was to teach Peter, James, and John a valuable lesson. 5) We may also learn.

**DISCUSSION :**

### I. The setting : Jesus takes Peter, James and John with Him.

1. This must have been special.

   a. All three played a very important role in the early church.

2. They went to a high mountain where they could be to themselves.

### II. A special Act : Jesus was Transfigured.

1) This was before the disciples. 2) His face shined as the sun. 3) His raiment was white as the light.

### III. Visitors : others appeared.

1) Moses, to represent the Law. 2) Elias, to represent the Prophets.

### IV. Peter's offer.

1) He thought it was good to be present. 2) Wanted to make a tabernacle for each one. 3) Wanted to honor each qually.

### V. God spoke.

1) A bright cloud over-shadowed them. 2) A voice spoke. 3) "This is my beloved Son, in whom I am well pleased; hear ye him." (Matthew 17:5). 4) God made it plain as to who was to be heard. 5) The disciples fell on their faces and were afraid.

### VI. Jesus Speaks.

1) Touched them and said arise and be not afraid. 2) When they looked up they saw no man, except Jesus. 3) Jesus asked them to tell no man untill after his resurrection.

### VII. Lessons.

1) Jesus was both physical and spiritual. 2) Man never dies. 3) God

was pleased with his son and said so. 4) Christ is greater than all others 5) He wants man to hear Christ. 6) Not to be afraid.

### VIII. Peter's Testimony.

1) He was greatly impressed by what he saw. 2) He was an eye witness of Christ. 3) Said that God spoke his approval of Christ. 4) Said that Christ should be heard. 5) Spoke from heaven.

### IX. The Lord wants us to be Transfigured or changed.

1) This can be brought about through obedience to Christ.

2) To change from a bad life to a good life.

### X. The Transfiguration of the last day.

1. The Bible says we will be changed.
2. We'll be changed from the physical to the spiritual.

### CONCLUSION :

1. Let this be a turning point in your life.
2. Hear Christ, obey him, and let him change you for the better.

- J.C. Choate

FROM :

**SATYA VANI**
**P.O.BOX. 80,**
**KAKINADA - 533 001.**

PRINTED BOOK ONLY

TO

(FOR PRIVATE CIRCULATION ONLY)